## DRAFT PRESS BRIEF

**Subject:** **Approval of tender for the work "Construction of Additional Spillway with Hydro-Mechanical works on Left Gandhi Hillock at Hirakud Dam"**

- There are two spillway with 98 gates both sluice and crest for discharge of water from the Hirakud reservoir. The left spillway of the Hirakud dam has 40 no. of sluice gates and 21 no. of crest gates. The right spillway has 24 no. of sluice gates and 13 no. of crest gates. The total discharging capacity of both the spillways is 42450 $m^3$/sec. Further, due to operational restrictions 11 no. of Sluice gates & 9 no. of crest gates are not to be operated except in case of extreme emergency. This limits the normal safe release capacity of the existing spillway to 33,066 $m^3$/sec.
- When the designed flood is routed through the reservoir using the available spillways (No additional spillway), it is assessed that the dam may get overtopped which can result in failure of the dam resulting in large scale loss to lives and properties in the downstream cities/villages of Hirakud, Sambalpur, Cuttack, Burla, Jagatpur, Bhubaneswar, etc.
- The Central Water Commission (CWC) in year 1997 and in year 2014 reassessed the Inflow design flood by using the latest data. The revised design flood was computed at 69632 $m^3$/sec. Hence, CWC has advised to construct additional spillways at suitable locations.
- The proposal for construction of additional spillway has been approved under DRIP by World Bank. The Additional Spillway work has been technically sanctioned for Rs. 389.00 crore (S/R-2016) by the CE & BM, Upper Mahanadi Basin of Hirakud and put to tender for Rs.377,37,22,402/-. The tender notice was published in two local Odia daily **"The Sambad"** & **"The Samaj"** and one national English daily "**The Times of India"** on 15-9-2017. Besides, it was floated in Government website.
- 2 (two) bidders participated in the bidding process namely :
  - (i) **Gammon Engineer's & Contractors Pvt. Ltd.-OM Metal Infra Projects Ltd. (JV), Mumbai (GECPL-OMIL HIRAKUD JV) and**
  - (ii) **M/s Tata Projects Ltd.-AGE INSAAT VETICARET ANONIM SIRKETI (JV), Mumbai (TPL-AGE HIRAKUD JV).**
- The bids were evaluated at the level of Project authorities, E.I.C., W.R. and TC-Cum-EC of DoWR and **M/s Tata Projects Ltd.-AGE INSAAT VETICARET ANONIM SIRKETI (JV), Mumbai (TPL-AGE HIRAKUD JV) emerged as L-1 bidder at their quoted bid price (after correction) amounting to Rs. 369,53,10,267/- being 2.08% less than the estimated cost.** The other bidder, **Gammon Engineer's & Contractors Pvt. Ltd. - OM Metal Infra Projects**

**Ltd. (JV), Mumbai (GECPL-OMIL HIRAKUD JV)** had quoted at Rs.477,89,13,222/- being 26.68% excess over the estimated cost.

- The above evaluation report has been reviewed by the World Bank and NOC has been received for award of the contract to the L-1 bidder.

The Cabinet in the meeting held today gave approval to award the work "Construction of Additional Spillway with Hydro-Mechanical works on Left Gandhi Hillock at Hirakud Dam" to the L-1 bidder **M/s Tata Projects Ltd.-AGE INSAAT VETICARET ANONIM SIRKETI (JV), Mumbai at its quoted rate of Rs.369,53,10,267/- (Rupees three hundred sixty nine crore fifty three lakh ten thousand and two hundred sixty seven only).**

# ପ୍ରେସ୍ ଚିଠା ବିବରଣୀ

ବିଷୟ ବସ୍ତୁ :- "ହୀରାକୁଦ ବନ୍ଧର ବାମ ପାର୍ଶ୍ୱସ୍ଥିତ ଗାନ୍ଧୀପାହାଡ଼ ନିକଟରେ ଅତିରିକ୍ତ ନିର୍ଗମନ ପଥ ନିର୍ମାଣ ସହିତ ଯାନ୍ତ୍ରିକ କାର୍ଯ୍ୟ" ର ଟେଣ୍ଡର ଅନୁମୋଦନ ନିମନ୍ତେ ।

- ହୀରାକୁଦ ଜଳଭଣ୍ଡାରର ଦୁଇଗୋଟି ନିର୍ଗମନ ପଥ ସହିତ ସମୁଦାୟ ୯୮ ଟି ଗେଟ୍ ମଧ୍ୟଦେଇ ଜଳ ନିଷ୍କାସନର ସୁବିଧା ଅଛି । ବାମ ପାର୍ଶ୍ୱ ନିର୍ଗମନ ପଥରେ ୪୦ଟି Sluice ଗେଟ୍ ଓ ୨୧ଟି Crest ଗେଟ୍ ଅଛି । ସେହିପରି ଦକ୍ଷିଣ ପାର୍ଶ୍ୱ ନିର୍ଗମନ ପଥରେ ୨୪ଟି Sluice ଗେଟ୍ ଓ ୧୩ଟି Crest ଗେଟ୍ ଅଛି । ଉଭୟ ନିର୍ଗମନ ପଥର ଜଳନିଷ୍କାସନ କ୍ଷମତା ସେକେଣ୍ଡ ପ୍ରତି ୪୨୪୫୦ ଘନ ମିଟର । କେବଳ ଜରୁରୀକାଳୀନ ସମୟ ବ୍ୟତିତ, ପରିଚାଳନାଗତ କଟକଣା ଯୋଗୁଁ ୧୧ଟି Sluice ଗେଟ୍ ଓ ୦୯ Crest ଗେଟ୍ ପରିଚାଳନା କରାଯାଏ ନାହିଁ । ତେଣୁ ହୀରାକୁଦ ଜଳଭଣ୍ଡାରର ସାଧାରଣ ନିରାପଦ ନିଷ୍କାସନ କ୍ଷମତା ସେକେଣ୍ଡ ପ୍ରତି ୩୩୦୬୬ ଘନମିଟରରେ ସିମିତ ରଖାଯାଇଛି ।
- ଅତିରିକ୍ତ ନିର୍ଗମନ ପଥ ବ୍ୟତିତ ଜଳଭଣ୍ଡାରରେ ଅଦ୍ୟାବଧି ଥିବା ନିର୍ଗମନ ପଥରେ ଆକଳିତ ବନ୍ୟାଜଳ ଯଦି ଜଳଭଣ୍ଡାର ମଧ୍ୟଦେଇ ଛଡ଼ାଯାଏ, ତେବେ ହୀରାକୁଦ ବନ୍ଧ ଉପର ଦେଇ ଜଳପ୍ରବାହ ହୋଇ ବନ୍ଧ ଭାଙ୍ଗିଯିବାର ସମ୍ଭାବନା ଥିବାରୁ ତଳ ମୁଣ୍ଡରେ ଥିବା ସହର/ଗ୍ରାମ ମାନଙ୍କର ଯଥା ହୀରାକୁଦ, ସମ୍ବଲପୁର, କଟକ, ବୁର୍ଲା, ଜଗତପୁର ଓ ଭୁବନେଶ୍ୱର ଆଖ ପାଖ ଅଂଚଳର ବହୁମାତ୍ରାରେ ଧନ ଜୀବନ କ୍ଷୟ କ୍ଷତିର ସମ୍ଭାବନା ଅଛି ।
- ସଦ୍ୟତମ ତଥ୍ୟ ଆଧାରରେ କେନ୍ଦ୍ରୀୟ ଜଳ ଆୟୋଗ (CWC) ୧୯୯୭ ଓ ୨୦୧୪ ମସିହାରେ ବନ୍ୟାଜଳ ପ୍ରବାହର ପୁର୍ନବାର ଅନୁଧାନ କରିବା ପରେ ବନ୍ୟାଜଳ (Design flood) ପ୍ରତି ସେକେଣ୍ଡରେ ୬୯୬୩୨ ଘନମିଟର ପୁନଃ ଆକଳନ କଲେ । ତେଣୁ CWC ଉପଯୁକ୍ତ ସ୍ଥାନରେ ଅତିରିକ୍ତ ନିର୍ଗମନ ପଥ ନିର୍ମାଣ ପାଇଁ ପ୍ରସ୍ତାବ ଦେଲେ ।
- ପ୍ରସ୍ତାବିତ ଅତିରିକ୍ତ ନିର୍ଗମନ ପଥର ନିର୍ମାଣ DRIP ଜରିଆରେ କରିବାପାଇଁ ବିଶ୍ୱବ୍ୟାଙ୍କ ମଞ୍ଜୁରୀ ଦେଲେ । ଏହି ଅତିରିକ୍ତ ନିର୍ଗମନ ପଥର ନିର୍ମାଣ କାର୍ଯ୍ୟ ୩୮୯.୦୦ କୋଟି ଟଙ୍କାର (S/R-2016 ଅନୁଯାୟୀ), ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳନା କର୍ତ୍ତୃପକ୍ଷ ବୈଷୟିକ ଅନୁମୋଦନ କଲାପରେ ଟ. ୩୭୭,୩୭,୨୨,୪୦୨/- ରେ ଟେଣ୍ଡର ଆହ୍ୱାନ କଲେ । ଏହି ଟେଣ୍ଡର ଦୁଇଗୋଟି ଓଡ଼ିଆ ଦୈନିକ "ସମାଜ" ଓ "ସମ୍ବାଦ" ଓ ଏକ ଗୋଟି ଜାତୀୟ ଇଂରାଜୀ

ଦୈନିକ "The Times of India" ରେ ୧୫.୦୯.୨୦୧୭ରେ ପ୍ରକାଶ ପାଇଥିଲା । ଏହି ଟେଣ୍ଡର ମଧ୍ୟ ସରକାରଙ୍କର Website ରେ ପ୍ରକାଶ ପାଇଥିଲା ।

- ଦୁଇଗୋଟି ସଂସ୍ଥା ଏହି ଠିକାପ୍ରସ୍ତାବ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ,

(i) Gammon Engineers & Contractors, Ltd – Om Metal Infra Projects Ltd. (JV), Mumbai (GECPL-OMIL, HIRAKUD JV).

(ii) M/s Tata Projects Ltd – AGE INSAAT VETICARET ANONIM SIRKETI (JV), Mumbai (TPL – AGE HIRAKUD JV).

- ପ୍ରକଳ୍ପ କର୍ତୃପକ୍ଷ, ସର୍ବୋଚ୍ଚଯନ୍ତ୍ରୀ ଓ ଜଳସଂପଦ ବିଭାଗର TC – cum - EC କମିଟି ସ୍ତରରେ ଏହି ନିଲାମଡାକ (bid) ଦ୍ୱୟର ମୂଲ୍ୟାଙ୍କନ କଲେ ଓ M/s Tata Projects Ltd – AGE INSAAT VETICARET ANONIM SIRKETI (JV), Mumbai (TPL – AGE HIRAKUD JV) ସର୍ବନିମ୍ନ ପ୍ରତିଯୋଗୀ ହେଲେ ଓ ସେ ସଂସ୍ଥାର ଉଦ୍ଧୃତ ମୂଲ୍ୟ (ସଂଶୋଧନପରେ) ଟ. ୩୬୯,୫୩,୧୦,୨୬୭.୦୦ ଯାହାକି ନିର୍ଦ୍ଧାରିତ ମୁଲ୍ୟଠାରୁ ୨.୦୮% କମ୍ ଥିଲା । ଅନ୍ୟ ପ୍ରତିଯୋଗୀ Gammon Engineers & Contractors, Ltd – Om Metal Infra Projects Ltd. (JV), Mumbai (GECPL-OMIL, HIRAKUD JV) ନିର୍ଦ୍ଧାରିତ ମୂଲ୍ୟ ଠାରୁ ୨୬.୬୮% ଅଧିକ ଯାହାକି ଟ ୪୭୭,୮୯,୧୩,୨୨୨.୦୦ ଉଦ୍ଧୃତ କରିଥିଲେ ।
- ଏହି ମୂଲ୍ୟାଙ୍କନ ବିବୃତି ବିଶ୍ୱବ୍ୟାଙ୍କ ଦ୍ୱାରା ସମୀକ୍ଷା କରାଗଲା ଓ ସର୍ବନିମ୍ନ ପ୍ରତିଯୋଗୀକୁ ଉକ୍ତ କାର୍ଯ୍ୟ ଦେବା ପାଇଁ ବ୍ୟାଙ୍କର ଅଭିଯୋଗ ବିହିନ ପ୍ରମାଣ ପତ୍ର (NOC) ଲାଭ କଲା ।
- ଆଜି ଓଡ଼ିଶା ସରକାରଙ୍କର ମନ୍ତ୍ରୀମଣ୍ଡଳ (Cabinet) ଏହି କାର୍ଯ୍ୟ "Construction of Additional Spillway with Hydro-Mechanical works on left Gandhi Hillock at Hirakud Dam" ସର୍ବନିମ୍ନ ପ୍ରତିଯୋଗୀ M/s Tata Projects Ltd – AGE INSAAT VETICARET ANONIM SIRKETI (JV), Mumbai (TPL – AGE HIRAKUD JV) କୁ ତା'ର ଉଦ୍ଧୃତ ଓ (ସଂଶୋଧନ ପରେ) ଟ. ୩୬୯,୫୩,୧୦,୨୬୭.୦୦ ରେ (ତିନିଶହ ଅଣସ୍ତରି କୋଟି ତେପନ ଲକ୍ଷ ଦଶହଜାର ଦୁଇଶହ ସତଷଠି) ଟଙ୍କାରେ ପ୍ରଦାନ କରିବା ପାଇଁ ମଞ୍ଜୁରୀ ଦେଲେ ।